ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କଳିଙ୍ଗ ଷ୍ଟାଡିୟମ୍‌କୁ ଅଚାନକ ଗସ୍ତ କଲେ କ୍ରୀଡ଼ା ମନ୍ତ୍ରୀ
## ହାଇ ପରଫରମାନ୍ସ ସେଣ୍ଟର ଭିତ୍ତିଭୂମିର କଲେ ତଦାରଖ

ଭୁବନେଶ୍ୱର, ୦୫/୦୨/୨୦୨୦

ଇଲେକ୍‌ଟ୍ରୋନିକ୍ସ, ଆଇଟି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା କଳିଙ୍ଗ ଷ୍ଟାଡିୟମ୍‌କୁ ଅଚାନକ ଗସ୍ତ କରିବା ସହ ଷ୍ଟାଡିୟମ୍‌ର ଭିତ୍ତିଭୂମି ଏବଂ ଏଠାରେ ଥିବା ହାଇ ପରଫରମାନ୍ସ ସେଣ୍ଟରଗୁଡ଼ିକର ସ୍ଥିତି ଯାଞ୍ଚ କରିଥିଲେ । ଷ୍ଟାଡିୟମ୍ ପରିସରରେ ଥିବା ଫୁଟବଲ ପଡ଼ିଆ, ଗଗନ ନାରଙ୍ଗ ୨୫ ମିଟର ସୁଟିଂ ରେଞ୍ଜ, ରିଲାୟନ୍ସ ଆଥ୍‌ଲେଟିକ୍ ହାଇ ପରଫରମାନ୍ସ ସେଣ୍ଟର, ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫରମାନ୍ସ ସେଣ୍ଟର ବୁଲି ଦେଖିଥିଲେ । ଏଥି ସହିତ ଅଭିନବ ବିନ୍ଦ୍ରା ସେଣ୍ଟରର ଖେଳାଳୀମାନଙ୍କ ଆହତଜନିତ ସମସ୍ୟାକୁ କିପରି କ୍ରାୟୋଜେନିକ୍ ଥେରାପି ମାଧ୍ୟମରେ ତୁରନ୍ତ ଠିକ୍ କରାଯାଇ ପାରୁଛି ତାହା ଦେଖିଥିଲେ । ଏହିସବୁ ବ୍ୟବସ୍ଥା ଖେଳାଳୀମାନେ ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବା ସହ ଆନ୍ତର୍ଜାତିକ ମାନର ଖେଳାଳୀ ସୃଷ୍ଟି କରିବାରେ ଅଧିକ ସହାୟକ ହେବ ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଉପଶାସନ ସଚିବ ରଞ୍ଜିତ ପରିଡ଼ା ଏବଂ ଉପଶାସନ ସଚିବ ତଥା କଳିଙ୍ଗ ଷ୍ଟାଡିୟମ୍‌ର ପ୍ରଶାସକ ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ
ସୂଚନା ଅଧିକାରୀ